# NATIONAL NEWS BULLETIN (ODIA)

**8 November - 2024**

**Morning Bulletin : 7.15 a.m.**

*******************************

## ମୁଖ୍ୟ ସମ୍ବାଦ

- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସମାରୋହରେ ଆଜି ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଅଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟକୁ ସଂଖ୍ୟାଲଘୁ ମାନ୍ୟତା ମାମଲାରେ ଆଜି ନିଷ୍ପତ୍ତି ପ୍ରଦାନ କରିବେ ସୁପ୍ରିମ୍‌କୋର୍ଟ ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ଭାରତୀୟ ସାମରିକ ଐତିହ୍ୟ ପର୍ବର ଦ୍ୱିତୀୟ ସଂସ୍କରଣ ।
- ଆସନ୍ତା ବର୍ଷ ଜାନୁଆରୀ ୨୦ ତାରିଖରେ ଆମେରିକାର ନୂଆ ରାଷ୍ଟ୍ରପତିଙ୍କୁ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତରଣ କରିବେ ରାଷ୍ଟ୍ରପତି ଜୋ ବାଇଡେନ୍ ।

ଏବଂ

- ୪ ମ୍ୟାଚ୍ ବିଶିଷ୍ଟ ଆନ୍ତର୍ଜାତିକ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାରେ ଆଜି ଅନୁଷ୍ଠିତ ହେବ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ମ୍ୟାଚ୍ ।

## ପ୍ରେସିଡେଣ୍ଟ-ଭିଜିଲାନ୍ସ ୱିକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଦୁର୍ନୀତି ନିବାରଣ ଆୟୋଗ ଦ୍ୱାରା ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସମାରୋହରେ ଉଦ୍‌ବୋଧନ ଦେବେ ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ଜୟନ୍ତୀ ସପ୍ତାହରେ ପ୍ରତ୍ୟେକ ବର୍ଷ ଆୟୋଗଙ୍କ ପକ୍ଷରୁ ସଚେତନତା ସପ୍ତାହ ପାଳନ କରାଯାଇଥାଏ । ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖରୁ ଚଳିତ ମାସ ୩ ତାରିଖ ପର୍ଯ୍ୟନ୍ତ ଦେଶରେ ଏହି ସପ୍ତାହ ପାଳନ କରାଯାଇଛି । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଉପରେ ଆଧାରିତ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ୩ଟି ପୁସ୍ତିକା ଏବଂ ଡାକ ବିଭାଗ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ବୁକ୍‌ଲେଟ୍‌ର ରାଷ୍ଟ୍ରପତି ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏସ୍‌ସି-ଅଲିଗଡ଼ ମୁସ୍‌ଲିମ୍ ୟୁନିଭରସିଟି

ଅଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟକୁ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ ସମ୍ପର୍କିତ ମାମଲାରେ ଆଜି ସୁପ୍ରିମ୍‌କୋର୍ଟର ୭ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ନିଷ୍ପତ୍ତି ପ୍ରଦାନ କରିବେ । ସୁପ୍ରିମ୍‌କୋର୍ଟଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ତାଲିକା ଅନୁଯାୟୀ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ

ଅଧ୍ୟକ୍ଷତାରେ ଗଠିତ ସମ୍ବିଧାନିକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି । ଚଳିତ ବର୍ଷ ଫେବୃୟାରୀ ମାସରେ ୭ ଜଣିଆ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଆଟର୍ଣ୍ଣି ଜେନେରାଲ୍ ଆର୍. ଭେଙ୍କଟରମଣୀ ଏବଂ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା, ବରିଷ୍ଠ ଆଇନ୍ ଅଧିକାରୀ ତଥା ବରିଷ୍ଠ ଆଇନ୍‌ଜୀବୀ ରାଜୀବ ଧୱନ୍, କପିଲ ଶିବଲ ସେମାନଙ୍କ ପକ୍ଷ ଉପସ୍ଥାପନ କରିବା ପରେ ନିଷ୍ପତ୍ତି ସୁରକ୍ଷିତ ରଖିଥିଲେ । ସଂସଦରେ  ଅଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୧୯୮୧ ଆଧାରରେ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ୧୯୬୭ରେ ଅଜିଜ୍ ବାଶା ମାମଲାରେ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହି ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହୋଇଥିବାରୁ, ସଂଖ୍ୟାଲଘୁ ପ୍ରତିଷ୍ଠାନ ମାନ୍ୟତା ଦାବି କରିପାରିବ ନାହିଁ ବୋଲି କୁହାଯାଇଥିଲା । ଏହା ବ୍ୟତୀତ ସଂସଦରେ ପାରିତ ୧୯୮୧ ମସିହାର ସଂଶୋଧନ ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ ନ କରିବା ବିଷୟକୁ ନେଇ ସୁପ୍ରିମ୍‌କୋର୍ଟ  ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ।

## ମିଲିଟାରୀ-ହେରିଟେଜ୍ ଫେଷ୍ଟିଭାଲ୍

ଭାରତୀୟ ସାମରିକ ଐତିହ୍ୟ ପର୍ବର ଦ୍ୱିତୀୟ ସଂସ୍କରଣ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ । ଏହି ଦୁଇଦିନିଆ ମହୋତ୍ସବର ଉଦ୍ଦେଶ୍ୟ

ହେଉଛି – ବିଶ୍ୱସ୍ତରରେ ଭାରତର ଜାତୀୟ ସୁରକ୍ଷା, ବୈଦେଶିକ ନୀତି, ସାମରିକ ଇତିହାସ ଓ ଐତିହ୍ୟ ସହ ସମ୍ପର୍କିତ ଭାରତୀୟ ଚିନ୍ତନର ସଠିକ୍ ଉପସ୍ଥାପନ କରିବା । ଏଥିରେ ସେନା ମୁଖ୍ୟ ଜେନେରାଲ୍ ଅନିଲ ଚୌହାନଙ୍କ ସହ ନୌସେନା, ବାୟୁ ସେନା ଓ ସ୍ଥଳ ସେନାର ମୁଖ୍ୟମାନେ ଯୋଗଦେବେ । ଏହି ଅବସରରେ ସୌର୍ଯ୍ୟଗାଥା ପ୍ରକଳ୍ପର ଶୁଭାରମ୍ଭ କରାଯିବ । ଏହି ପ୍ରକଳ୍ପ ଅଧୀନରେ ଶିକ୍ଷା ଏବଂ ପର୍ଯ୍ୟଟନ ମାଧ୍ୟମରେ ଭାରତୀୟ ସାମରିକ ଐତିହ୍ୟର ପ୍ରଚାର-ପ୍ରସାର କରାଯିବ ।

## ଛଟପୂଜା

ବିହାରରେ ଲକ୍ଷାଧିକ ଭକ୍ତ ଛଟ୍ ପୂଜା ନିମନ୍ତେ ବିଭିନ୍ନ ଘାଟରେ ଏକତ୍ରିତ ହୋଇଛନ୍ତି । ଛଟପୂଜାର ବିଶେଷତ୍ୱ ଭାବେ ସୂର୍ଯ୍ୟୋଦୟ ସମୟରେ ସକାଳ ଅର୍ଘ୍ୟ ଅର୍ପଣ ନିମନ୍ତେ ଗଙ୍ଗା, ଗଣ୍ଡକ, କୋସି, ମହାନନ୍ଦା, ବାଗମତି ଏବଂ ଅନ୍ୟ ନଦୀ ଘାଟଗୁଡ଼ିକରେ ସେମାନେ ଏକତ୍ରିତ ହୋଇଛନ୍ତି । ବଡ଼ି ଭୋରରୁ ଭକ୍ତମାନେ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରିଥିଲେ । ଏହାପରେ ଛତିଶ ଘଣ୍ଟାର ଉପବାସବ୍ରତ ପୂର୍ଣ୍ଣ କରି ପ୍ରସାଦ ସେବନ କରାଯିବ । ଏଥିସହିତ ୪ ଦିନିଆ ଛଟ୍ ପର୍ବର ସମାପ୍ତି ଘଟିବ ।

# ପିଏମ୍-ମହାରାଷ୍ଟ୍ର କ୍ୟାମ୍ପେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରରେ କେତେକ ଜନସଭାକୁ ସମ୍ବୋଧନ କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଧୁଲେ ଏବଂ ନାସିକ୍‌ରେ ସେ ଜନସଭାକୁ ସମ୍ବୋଧନ କରି ଲୋକମାନଙ୍କ ଆର୍ଶୀବାଦ ଲୋଡ଼ିବେ । ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏନ୍.ଡି.ଏ. ପ୍ରାର୍ଥୀଙ୍କୁ ବହୁମତ ମିଳିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

# ଇଡି-ଆମାଜନ୍ ଫ୍ଲିପ୍‌କାର୍ଟ୍ ରେଡ୍

ବୈଦେଶିକ ମୁଦ୍ରା ପରିଚାଳନା ଅଧିନିୟମ – ଫେମା ଉଲ୍ଲଙ୍ଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୫ଟି ରାଜ୍ୟରେ ଥିବା ଆମାଜନ୍ ଏବଂ ଫ୍ଲିପ୍‌କାର୍ଟ୍‌ର ୧୯ଟି ସ୍ଥାନରେ ଚଢ଼ାଉ କରିଛି । ସୂଚନା ଅନୁଯାୟୀ ଏହି ଇ-କମର୍ସ୍ ପ୍ଲାଟ୍‌ଫର୍ମ ଗୁଡ଼ିକ ବିରୋଧରେ ଅନେକ ଗୁଡ଼ିଏ ଅଭିଯୋଗ ମିଳିବା ପରେ ଇ.ଡି. ଯାଞ୍ଚ କାର୍ଯ୍ୟ ଆରମ୍ଭ କରିଛି । ସମ୍ପୃକ୍ତ ଇ-କମର୍ସ୍ ସଂସ୍ଥା ଫ୍ଲିପ୍‌କାର୍ଟ୍ ଏବଂ ଆମାଜନ୍ ସାମଗ୍ରୀ ଗୁଡ଼ିକର ବିକ୍ରି ମୂଲ୍ୟ ଅତ୍ୟଧିକ ବୃଦ୍ଧି କରି ଅନ୍ୟ ବିକ୍ରେତାମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଥିବା ଅଭିଯୋଗ କରାଯିବା ପରେ ଇ.ଡି. ଏଭଳି ପଦକ୍ଷେପ ନେଇଛି ।

# ବାଇଡେନ୍‌-ଟ୍ରାନ୍ସଫର୍ ଅଫ୍ ପାଓ୍ୱାର୍

ଆସନ୍ତା ବର୍ଷ ଜାନୁଆରୀ ୨୦ ତାରିଖରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭାବି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌କୁ ଶାନ୍ତିପୂର୍ଣ୍ଣ ଏବଂ ବ୍ୟବସ୍ଥିତ ଭାବେ କ୍ଷମତା ହସ୍ତାନ୍ତରଣ କରିବେ ବୋଲି କହିଛନ୍ତି । ସେହି ଦିନ ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଶ୍ରୀ ବାଇଡେନ୍ କହିଛନ୍ତି, ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛାକୁ ସବୁବେଳେ ଅଗ୍ରାଧିକାର ଦିଆଯାଇଥାଏ । ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ତଥା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ପରାସ୍ତ କରିବା ପରେ ୭୮ ବର୍ଷିୟ ଟ୍ରମ୍ପ୍ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଦ୍ୱିତୀୟଥର ବିଜୟ ଲାଭ କରିବା ନେଇ ରାଷ୍ଟ୍ରପତି ଜୋ ବାଇଡେନ୍ ଦେଶବାସୀଙ୍କୁ ଏହା କହିଛନ୍ତି । ସେ କହିଛନ୍ତି, ଶ୍ରୀ ଟ୍ରମ୍ପ୍ ଏବଂ ଉପରାଷ୍ଟ୍ରପତି ହାରିସ୍‌ଙ୍କ ସହ ସେ ଆଲୋଚନା କରିଛନ୍ତି । ୨୦୨୦ରେ ବାଇଡେନ୍‌ଙ୍କ ଠାରୁ ପରାସ୍ତ ହେବା ପରେ ଟ୍ରମ୍ପ୍ ୧୩୨ ବର୍ଷରେ ଆମେରିକାର ଇତିହାସରେ ଗୋଟିଏ ପାଳି ପରେ ପୁଣି ରାଷ୍ଟ୍ରପତି ହୋଇଛନ୍ତି । ଏହା ପୂର୍ବରୁ ୨୦୧୬ରେ ସେ ଡେମୋକ୍ରାଟିକ୍ ପ୍ରାର୍ଥୀ ହିଲାରୀ କ୍ଲିଣ୍ଟନ୍‌ଙ୍କୁ ପରାସ୍ତ କରି ବିଜୟ ଲାଭ କରିଥିଲେ । ଶ୍ରୀ ଟ୍ରମ୍ପ୍ ଉତ୍ତର

କାରୋଲିନା, ଜର୍ଜଆ, ଭିସ୍କୋସିନ୍ ଏବଂ ପେନ୍‌ସିଲ୍‌ଭାନିଆ ସହିତ ପ୍ରମୁଖ ୭ଟି ରାଜ୍ୟରେ ଭଲ ପ୍ରଦର୍ଶନ କରିଛନ୍ତି ।

ଶ୍ରୀ ବାଇଡେନ୍ କହିଛନ୍ତି ଆମେରିକାର ନିର୍ବାଚନ ପ୍ରଣାଳୀର ସ୍ୱଚ୍ଛତା ସମ୍ପର୍କରେ ଏହି ନିର୍ବାଚନ ସମସ୍ତଙ୍କୁ ଜବାବ ଦେଇଛି । ଚଳିତ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କୁ ୨୯୫ଟି ଭୋଟ୍ ମିଳିଥିବା ବେଳେ କମଳା ହାରିସ୍‌ଙ୍କୁ ୨୨୬ଟି ଭୋଟ୍ ମିଳିଛି । ନେବାଡ଼ା ଏବଂ ଆରିଜୋନା ରାଜ୍ୟରେ ଭୋଟ୍ ଗଣତି ଜାରି ରହିଛି । ସେଠାରେ ମଧ୍ୟ ଶ୍ରୀ ଟ୍ରମ୍ପ୍ ଆଗରେ ରହିଥିବା ଜଣାପଡ଼ିଛି ।

## ଝାଡ଼ଖଣ୍ଡ-ଇସି

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଚାର କାର୍ଯ୍ୟ ସମୟରେ ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳ ଗୁଡ଼ିକୁ କହିଛନ୍ତି । ରାଞ୍ଚି ଠାରେ ଅନୁଷ୍ଠିତ ଏକ ବୈଠକରେ ଝାଡ଼ଖଣ୍ଡ ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର ରାଜନୈତିକ ଦଳ ଗୁଡ଼ିକୁ ମିଥ୍ୟା ପ୍ରତିଶ୍ରୁତି ନ ଦେବାକୁ ପରାମର୍ଶ ଦେଇଛନ୍ତି । ନିର୍ବାଚନୀ ସଭାରେ ବ୍ୟକ୍ତିଗତ ଆରୋପ-ପ୍ରତ୍ୟାରୋପ ନ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି । ଶ୍ରୀ କୁମାର କହିଛନ୍ତି, ରାଜନୈତିକ ଦଳ ଗୁଡ଼ିକ ଆଦର୍ଶ ଆଚରଣବିଧି ପାଳନ

କରିବାପାଇଁ ବାଧ୍ୟ, କାରଣ ସେମାନଙ୍କ ସହ ପରାମର୍ଶ ପରେ ଆଦର୍ଶଆଚରଣ ବିଧି ପ୍ରସ୍ତୁତ କରାଯାଇଛି ।

## ଏସ୍‌ସି-ଆର୍ ଜି କର

କୋଲକାତା ଆର୍ ଜି କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଜଣେ ମହିଳା ଡାକ୍ତରୀ ପ୍ରଶିକ୍ଷାର୍ଥୀଙ୍କୁ ହତ୍ୟା ମାମଲାରେ ଗଠିତ ସ୍ୱତନ୍ତ୍ର ଟାସ୍କଫୋର୍ସ୍‌ର ରିପୋର୍ଟକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ଡାକ୍ତରୀ ସଂଘ ଗୁଡ଼ିକୁ ପ୍ରଦାନ କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ଅଗଷ୍ଟ ମାସରେ ଘଟିଥିବା ଘଟଣାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ର ସରକାର ସ୍ୱତନ୍ତ୍ର ଟାସ୍କଫୋର୍ସ୍ ଗଠନ କରିଥିଲେ । କାର୍ଯ୍ୟ କ୍ଷେତ୍ରରେ ଡାକ୍ତରମାନଙ୍କ ସୁରକ୍ଷା ଏବଂ ଯୌନ ଉତ୍ପିଡ଼ନରୁ ସୁରକ୍ଷା ସମ୍ପର୍କରେ ଏହି ରିପୋର୍ଟରେ କେତେକ ସୁପାରିଶ କରାଯାଇଛି । ପ୍ରଧାନ ବିଚାରପତି  ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଅନ୍ୟତ୍ର ସ୍ଥାନାନ୍ତରଣ ଆବେଦନକୁ ଅଗ୍ରାହ୍ୟ କରିଛନ୍ତି । ଚଳିତ ମାସ ୧୧ ତାରିଖରୁ କୋଲକାତାର ଏକ ସ୍ୱତନ୍ତ୍ର କୋର୍ଟ୍‌ରେ ଏହି ମାମଲାର ଶୁଣଶଣି ଆରମ୍ଭ ହେବ ।  ତେବେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସିବିଆଇକୁ ମାମଲାର ସ୍ଥିତି

ସମ୍ପର୍କରେ ନୂଆ ରିପୋର୍ଟ ପ୍ରଦାନ କରିବା ଲାଗି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ୟୁଏସ୍-ସାନ୍‌ସନ୍ ରୁଷ

ବ୍ରିଟେନ୍ ସରକାର ରୁଷର ସାମରିକ ଉଦ୍ୟୋଗ ବିରୋଧରେ ୫୬ଟି ନୂଆ ପ୍ରତିବନ୍ଧକ ଲାଗୁ କରିଛନ୍ତି । ଯାହା ଫଳରେ ୟୁକ୍ରେନ୍ ସହ ଯୁଦ୍ଧ କରୁଥିବା ରୁଷକୁ ସେନା ଉପକରଣ ଯୋଗାଣ ରୋକାଯାଇ ପାରିବ । ଗତ ବର୍ଷ ମେ ମାସ ପରେ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ଯୁଦ୍ଧ ପରିଚାଳନା କ୍ଷେତ୍ରରେ ଏହା ସବୁଠୁ ବଡ଼ ପ୍ରତିବନ୍ଧକ ବୋଲି ଜଣାପଡ଼ିଛି । ଏଥିରେ ରୁଷର ସାମରିକ ଉପାଦାନ ଏବଂ ଅନ୍ୟ କେତେକ ସାମରିକ ସାମଗ୍ରୀ ଯୋଗାଣ ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି ।

## କ୍ରିକେଟ୍-ଟି-ଟ୍ୱେଣ୍ଟି

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ୪ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆଜି କିଙ୍ଗସ୍ ମିଡ୍ ଠାରେ ଖେଳାଯିବ । ଭାରତୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ

ଭାରତୀୟ ଟିମ୍ ୪ଟି ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଗସ୍ତ କରିଛି ।

ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ରବିବାର ଦିନ ସେଣ୍ଟଜର୍ଜ ପାର୍କରେ ଖେଳାଯିବ । ସେହିପରି ସେଞ୍ଚୁରିୟାନ୍‌ରେ ତୃତୀୟ ଏବଂ ଜୋହାନ୍ସବର୍ଗରେ ଚତୁର୍ଥ ମ୍ୟାଚ୍ ଖେଳାଯିବ ।

ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଥର ପାଇଁ ଚଳିତ ବର୍ଷ ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ମୁକାବିଲା ହୋଇଥିଲା । ଭାରତ ଦକ୍ଷିଣ ଆଫ୍ରିକାକୁ ୭ରନ୍‌ରେ ପରାସ୍ତ କରିଥିଲା ।